# NATIONAL NEWS BULLETIN (ODIA)
## 9 October - 2023
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି ।
- ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଜି ୫୭ ଜଣ ପ୍ରାର୍ଥୀଙ୍କର ନାମ ତାଲିକା ପ୍ରକାଶ କରିଛି ।
- କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ଦୁର୍ବିପାକ ପରିଚାଳନା କମିଟି ବୈଠକରେ ସିକିମ ପରିସ୍ଥିତିର ସମୀକ୍ଷା କରାଯାଇଛି ।
- ଆମେରିକୀୟ ପ୍ରଫେସର କ୍ଲଡିଆ ଗୋଲଡିନ୍ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଛନ୍ତି ।

ଏବଂ

- ସୁଲତାନ ଜୋହର କପ୍ ପାଇଁ ଭାରତ ପକ୍ଷରୁ ୨୦ ଜଣିଆ ଜୁନିଅର ପୁରୁଷ ହକି ଦଳର ଘୋଷଣା କରାଯାଇଛି ।

## ରାଜନାଥ ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି । ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରିତେଟୋଙ୍କୁ ରୋମ୍‌ରେ ସାକ୍ଷାତ୍ କରିବେ । ଇଟାଲୀ ପ୍ରଧାନମନ୍ତ୍ରୀ ଭାରତକୁ ମାର୍ଚ୍ଚ ମାସରେ ଆସିଥିବା ସମୟରେ ଦୁଇଦେଶ ମଧ୍ୟରେ ସାମରିକ ଭାଗିଦାରୀ ସମ୍ପର୍କରେ ଉନ୍ନତି ଘଟିଥିଲା। ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ସିଂହ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁଙ୍କୁ ପ୍ୟାରିସ୍‌ଠାରେ ଭେଟି ପଞ୍ଚମ ବାର୍ଷିକୀ କଥାବାର୍ତ୍ତା କରିବେ । ଭାରତ ଓ ଫ୍ରାନ୍ସ ମଧ୍ୟରେ ସାମରିକ ଭାଗିଦାରୀ ସମ୍ପର୍କର ୨୫ ବର୍ଷ ପୂର୍ତ୍ତି ଅବସରରେ ତଳେ ପାଳନ କରାଯାଇଥିଲା । ଦୁଇଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହଯୋଗ ସମେତ ଦ୍ୱିପକ୍ଷୀୟ ସାମରିକ ସହଯୋଗ ବହୁଦିନରୁ ତିଷ୍ଠି ରହିଛି । ଶ୍ରୀ ସିଂ ପ୍ରତିରକ୍ଷା କ୍ଷେତ୍ରରେ ଶିଳ୍ପ ସହଯୋଗ ଏବଂ ସୁଯୋଗ ସୃଷ୍ଟି ସଂକ୍ରାନ୍ତରେ ବରିଷ୍ଠ ପ୍ରତିନିଧି ଏବଂ ସି.ଇ.ଓ. ମାନଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି।

## ବିଜେପି- କ୍ୟାଣ୍ଡିଡେଟ୍ ଲିଷ୍ଟ

ମଧ୍ୟପ୍ରଦେଶରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଆଜି ୫୭ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି।

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ବୁଧ୍‌ନି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ଦତିଆ ନିର୍ବାଚନ ମଣ୍ଡଳୀରୁ ମନ୍ତ୍ରୀ ନରୋତ୍ତମ ମିଶ୍ର ନିର୍ବାଚନ ଲଢ଼ିବେ। ଦଳୀୟ ନେତା ଗୋପାଳ ଭାର୍ଗଭ ରେହଲି ଆସନରୁ, ବିଶ୍ୱାସ ସାରଙ୍ଗ ନରେଲା ଆସନରୁ ଏବଂ ସାନୱ୍ୱାର ବିଧାନସଭା ଆସନରୁ ତୁଲସୀରାମ ଶିଲାଭତ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସ୍ଥିର ହୋଇଛି।

ସେହିପରି ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ୪୧ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଝୋଟୱ୍ୱାରା ରୁ ରାଜବର୍ଦ୍ଧନ ସିଂ ରାଠୋର, ବିଦ୍ୟାଧର ନଗରରୁ ଦିୟା କୁମାରୀ, ତିଜାରାରୁ ବାବା ବାଲକନାଥ, ସପୋତ୍ରାରୁ ହଂସରାଜ ମିନା ଏବଂ ସାୱ୍ୱାୟୀ ମାଧୋପୁର ଆସନରୁ କିରୋଡି ଲାଲ ମିନା ପ୍ରତିଦ୍ୱନ୍ଦ୍ୱିତା କରିବେ।

ଛତିଶଗଡ଼ ବିଧାନସଭା ପାଇଁ ମଧ୍ୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂ ରାଜନନ୍ଦଗାଓଁ ବିଧାନସଭା ଆସନରୁ ଏବଂ କେନ୍ଦ୍ରମନ୍ତ୍ରୀ ରେଣୁକା ସିଂ ଭରତପୁର–ସୋନହାଟ୍ ଆସନରୁ ନିର୍ବାଚନ ଲଢ଼ିବେ। ରାଜ୍ୟ ବିଜେପି ମୁଖ୍ୟ ଅରୁଣ ଶାଓ ଲୋର୍‌ମି ଆସନରୁ, ଦଳୀୟ ସାଂସଦ ଗୋମତି ସାଇ ପାଥଲଗାଓଁ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଛତିଶଗଡ଼ର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ୬୪ ଜଣିଆ ପ୍ରାର୍ଥୀପତ୍ର ଘୋଷଣା କରାଯାଇଛି।

# ନାଗାଲାଣ୍ଡ-ଆସେମ୍ବ୍ଲି

ନିର୍ବାଚନ କମିଶନ ନାଗାଲାଣ୍ଡର ଗୋଟିଏ ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ନଭେମ୍ବର ୭ ତାରିଖରେ ଏହି ଉପନିର୍ବାଚନ ହେବା ନିମନ୍ତେ ଆଜି ନିର୍ବାଚନ କମିଶନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ନାଗାଲାଣ୍ଡର **43-**ତାପି ବିଧାନସଭା ଆସନ ନିମନ୍ତେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ମଣ୍ଡଳୀରେ ବିଧାୟକ ଥିବା ନୋକେ ୱାଙ୍ଗନାଓଙ୍କର ଚଳିତ ବର୍ଷ ଅଗଷ୍ଟ ମାସ ୨୮ ତାରିଖରେ ମୃତ୍ୟୁ ହେବା ଯୋଗୁଁ ଏହି ଆସନଟି ଖାଲି ପଡ଼ିଥିଲା। ତାପି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନଭେମ୍ବର ୭ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଥିବାବେଳେ ଚଳିତ ମାସ ୧୩ ତାରିଖରେ ଏଥିନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ଡିସେମ୍ବର ୩ ତାରିଖରେ ଭୋଟ୍‌ଗଣନା ହେବ ବୋଲି ନିର୍ବାଚନ କମିଶନ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଏନ୍‌ସିଏମ୍‌ସି-ସିକିମ ସିଚ୍ୟୁଏସନ୍

କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଜାତୀୟ ଦୁର୍ବିପାକ ପରିଚାଳନା କମିଟି ବୈଠକରେ ସିକିମ ପରିସ୍ଥିତି ସଂକ୍ରାନ୍ତରେ ସମୀକ୍ଷା କରାଯାଇଛି। ବୈଠକରେ ସିକିମ୍‌ର ମୁଖ୍ୟ ସଚିବ କହିଛନ୍ତି, ରାଜ୍ୟର ଅଧିକାଂଶ ଅଞ୍ଚଳରେ ସଡ଼କ ଯୋଗାଯୋଗ ସ୍ଥାପନ

ହୋଇସାରିଲାଣି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଆଜି ସକାଳେ ୮୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ସେ ସୂଚନା ଦେଇଛନ୍ତି । ରାଜ୍ୟରେ ୨୮ଟି ରିଲିଫ୍ ଶିବିର ସ୍ଥାପନ କରାଯାଇ ସେଠାରେ ୬ ହଜାର ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ରଖାଯାଇଥିବା  ସେ ସୂଚନା ଦେଇଛନ୍ତି । ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ ଖାଦ୍ୟ ସାମଗ୍ରୀ, ଔଷଧ ଏବଂ ଏଲ୍‌ପିଜି ଯୋଗାଇ ଦିଆଯାଇଛି ।

ଭାରତୀୟ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ବୈଠକରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୧୧ରୁ ୧୩ ତାରିଖ ମଧ୍ୟରେ ସିକିମ୍‌ରେ ପାଗ ଅନୁକୂଳ ରହିବ । ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ନିମନ୍ତେ ୬ଟି ଦଳକୁ ମୁତୟନ କରାଯାଇଥିବା ଏନ୍.ଡି.ଆର୍.ଏଫ୍.ର ମହା ନିର୍ଦ୍ଦେଶକ ବୈଠକରେ ସୂଚନା ଦେଇଛନ୍ତି । ସେହିପରି ଉଦ୍ଧାର କାର୍ଯ୍ୟ ନିମନ୍ତେ ସିଲିଗୁଡ଼ି ଠାରେ ଏନ୍.ଡି.ଆର୍.ଏଫ୍.ର ଅଧିକ ତିନୋଟି ଦଳକୁ ରଖାଯାଇଛି ।  ସେହିପରି ରାଜ୍ୟର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁର୍ନଉଦ୍ଧାର କାର୍ଯ୍ୟ ନିମନ୍ତେ  ସେନା ଏବଂ ବାୟୁସେନାର ଅତିରିକ୍ତ ଦଳକୁ ମଧ୍ୟ ମୁତୟନ କରାଯାଇଛି । ଏହି ବୈଠକରେ ଗୃହ ସଚିବ ଅଜୟ କୁମାର ଭାଲ୍ଲା କହିଛନ୍ତି, କେନ୍ଦ୍ର ସରକାର ସିକିମ ପରିସ୍ଥିତି ପ୍ରତି ୨୪ ଘଣ୍ଟିଆ ଅନୁଧ୍ୟାନ ଜାରି ରଖିଛନ୍ତି ।  ପରିସ୍ଥିତିର ଅନୁଧ୍ୟାନ ନିମନ୍ତେ ସିକିମ୍‌ଠାରେ ଆନ୍ତଃ ମନ୍ତ୍ରିସ୍ତରୀୟ ସମନ୍ୱୟ ଦଳ ଘଟଣା ସ୍ଥଳରେ ପହଁଞ୍ଚିଛନ୍ତି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟର ସମୀକ୍ଷା କରି କ୍ୟାବିନେଟ୍ ସଚିବ ଶ୍ରୀ ଗୌବା' କହିଛନ୍ତି, ସିକିମ ସରକାର ଏବଂ କେନ୍ଦ୍ର ସରକାର

ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ପ୍ରାଥମିକତା ଦେଇଛନ୍ତି। ଯାତାୟାତକୁ ସୁଗମ କରିବା ନିମନ୍ତେ ବାଲି ପୋଲର ପୁର୍ନନିର୍ମାଣ କାର୍ଯ୍ୟ ନିମନ୍ତେ ଗୁରୁତ୍ୱ ଦେବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ରାଜ୍ୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ଶ୍ରୀ ଗୌବା ପ୍ରତିଶ୍ରୁତି ଦେଇଛନ୍ତି।

## ସିକିମ୍-ସିଏମ୍

ସିକିମ ମୁଖ୍ୟମନ୍ତ୍ରୀ ପି.ଏସ୍. ତମାଙ୍ଗ ଆଜି ସିରୱାନି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତିସ୍ତା ନଦୀରେ ବନ୍ୟା ଯୋଗୁଁ ସିରୱାନି ପୋଲ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଏହା ରାଜ୍ୟର ପୂର୍ବାଞ୍ଚଳ, ଉତ୍ତରାଞ୍ଚଳ ଏବଂ ଦକ୍ଷିଣାଞ୍ଚଳ ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ। ଫଳରେ ଏହି ଅଞ୍ଚଳ ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଶ୍ରୀ ତମାଙ୍ଗ ଏହି ପୋଲର ଖୁବ୍‌ଶୀଘ୍ର ପୁର୍ନନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପୁର୍ନନିର୍ମାଣ କାର୍ଯ୍ୟରେ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ନୋବେଲ ପ୍ରାଇଜ୍-ଇକୋନମିକ୍ସ ସାଇନ୍ସ

ଆମେରିକୀୟ ପ୍ରଫେସର କ୍ଲଡିଆ ଗୋଲଡିନ୍ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଛନ୍ତି। ଶ୍ରମ ବଜାରକୁ ମହିଳାମାନଙ୍କ ଅବଦାନ ସଂକ୍ରାନ୍ତ ତାଙ୍କର ବ୍ୟାପକ ଗବେଷଣା ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଆଜି ଏ ବିଷୟ ଘୋଷଣା କରି ରୟାଲ ସ୍ୱେଡିସ୍ ଏକାଡେମୀ

ଅଫ୍ ସାଇନ୍‌ସେସ୍ ଏ ବିଷୟ କହିଛି। ଗତ ୨ ତାରିଖରୁ ନୋବେଲ ପୁରସ୍କାର ଗୁଡ଼ିକର ଘୋଷଣା କରାଯାଇଛି ଓ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ ସହ ଏହା ସମାପ୍ତ ହୋଇଛି। ଏହା ପୂର୍ବରୁ ମେଡିସିନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ ଓ ଶାନ୍ତିରେ ନୋବେଲ ପୁରସ୍କାର ମାନ ଗତ ସପ୍ତାହରେ ଘୋଷଣା କରାଯାଇଥିଲା। ଓସ୍‌ଲୋ ଓ ଷ୍ଟକ୍ ହୋମ୍‌ରେ ଡିସେମ୍ବର ମାସରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ। ପୁରସ୍କାର ବାବଦରେ ୧୧ ନିୟୁତ ସ୍ୱେଦିଶ କ୍ରୋନର୍ ଅର୍ଥ ପ୍ରଦାନ କରାଯିବ, ଯାହା ୧ ନିୟୁତ ଡଲାର ସହ ସମାନ। ଏହା ବ୍ୟତୀତ ପୁରସ୍କାର ବିଜେତା ମାନେ ୧୮ କ୍ୟାରେଟ୍ ସ୍ୱର୍ଣ୍ଣ ପଦକ ଓ ଡିପ୍ଲୋମା ପାଇବେ।

## ଇଣ୍ଡିଆ-ତାଞ୍ଜାନିଆ ଏମ୍‌ଓୟୁ

ଭାରତ ଓ ତାଞ୍ଜାନିଆ ମଧ୍ୟରେ ଆଜି ୬ଟି ବୁଝାମଣା ସ୍ମାରକପତ୍ର ସ୍ୱାକ୍ଷରିତ ହୋଇଛି। ସେଗୁଡ଼ିକ କ୍ରୀଡ଼ା, ସାମୁଦ୍ରିକ ଶିଳ୍ପ, ସାଂସ୍କୃତିକ ଆଦାନ ପ୍ରଦାନ, ତାଞ୍ଜାନିଆରେ ଶିଳ୍ପ ପାର୍କ ସ୍ଥାପନ, ଡିଜିଟାଲ ରୂପାନ୍ତରଣ ଓ ହ୍ୱାଇଟ୍ ସିପିଙ୍ଗ ସୂଚନା ପ୍ରଦାନ କ୍ଷେତ୍ରରେ ସ୍ୱାକ୍ଷରିତ ହୋଇଛି।

ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଞ୍ଜାନିଆ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନଙ୍କ ମଧ୍ୟରେ ନୂଆଦିଲ୍ଲୀରେ ବ୍ୟାପକ କଥାବାର୍ତ୍ତା ହୋଇଥିଲା। ଦୁଇ ନେତା ମୋଟାମୋଟି ଦ୍ୱିପକ୍ଷୀୟ ସମ୍ପର୍କରେ ସମୀକ୍ଷା କରିଥିଲେ ଓ ଦ୍ୱିପକ୍ଷୀୟ ସମ୍ପର୍କକୁ ଉଚ୍ଚସ୍ତରକୁ ନେଇଯିବା ପାଇଁ ଉପାୟଗୁଡ଼ିକ ଉପରେ

ଆଲୋଚନା କରିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରତିନିଧି ମଣ୍ଡଳସ୍ତରୀୟ କଥାବାର୍ତ୍ତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଇସ୍ରାଏଲ-ପାଲେଷ୍ଟାଇନ୍ ୱାର୍

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ୟୋଆବ ଗ୍ୟାଲାଣ୍ଟ ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଗ୍ୟାଲାଣ୍ଟ କହିଛନ୍ତି, ଏହା ଦ୍ୱାରା ବିଦ୍ୟୁତକାଟ କରାଯିବ ଓ ଖାଦ୍ୟ ଓ ଇନ୍ଧନ ଯୋଗାଣ ବନ୍ଦ ହେବ। ଗାଜାଷ୍ଟ୍ରିପ୍‌ରେ ମୃତ୍ୟୁସଂଖ୍ୟା ୧୧ ଶହରେ ପହଁଞ୍ଚିଥିବା ବେଳେ ୧ ଲକ୍ଷ ୨୩ ହଜାର ଲୋକ  ସ୍ଥାନଚ୍ୟୁତ ହୋଇଛନ୍ତି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ୫୧୧ ଜଣ ଲୋକଙ୍କର ପ୍ରାଣହାନୀ ହୋଇଥିବା ବେଳେ ୨ ହଜାର ୭୫୦ ଜଣ ଆହତ ହୋଇଛନ୍ତି। ଶନିବାରଠାରୁ ଗାଜାଷ୍ଟ୍ରିପ୍ ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ରେ ଏହି କ୍ଷତି ହୋଇଛି। ପୂର୍ବରୁ ଇସ୍ରାଏଲ ସାମରିକ ବାହିନୀ ଗାଜାର ହମାସ କେନ୍ଦ୍ର ଗୁଡ଼ିକ ଉପରେ ବ୍ୟାପକ ଆକ୍ରମଣ କରିଥିବାର କହିଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରିଆ ଓ ଜର୍ମାନୀ ପାଲେଷ୍ଟାଇନ୍‌କୁ ସହାୟତା ପ୍ରଦାନ ବନ୍ଦ କରିଥିବାର ଘୋଷଣା କରିଛନ୍ତି। ହଙ୍ଗେରୀ ଇସ୍ରାଏଲରୁ ୧୧୦ ଜଣ ଲୋକଙ୍କୁ ଖାଲି କରୁଛି। ହଙ୍ଗେରୀ ବୈଦେଶିକ ମନ୍ତ୍ରୀ ପିଟର ସିଜାର୍ତ୍ତୋ କହିଛନ୍ତି, ଏହାଦ୍ୱାରା ସ୍ଥାନାନ୍ତରିତ ଲୋକଙ୍କ ସଂଖ୍ୟା ୩୨୫ରେ ପହଁଞ୍ଚିଛି। ସେମାନଙ୍କ ମଧ୍ୟରେ ୪୬ ଜଣ ପିଲା ରହିଛନ୍ତି। ସ୍ଥାନ୍ତାନ୍ତରିତ ହୋଇଥିବା ଲୋକମାନଙ୍କ ମଧ୍ୟରେ ୧୫ ଜଣ ବିଦେଶୀ ନାଗରିକ ଅଛନ୍ତି। ଫ୍ରାନ୍ସ, ବ୍ରିଟେନ, ଥାଇଲାଣ୍ଡ ଓ ନେପାଳ ସମେତ ବହୁ ଦେଶ  ସେମାନଙ୍କର ନାଗରିକମାନଙ୍କୁ ହତ୍ୟା

କରାଯାଇଛି ଏବଂ ଅପହରଣ କରାଯାଇଛି ବୋଲି ନିଶ୍ଚିତ କରିଛନ୍ତି। ହମାସ ଦ୍ୱାରା ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣର ଦିନକ ପରେ ସେହି ଦେଶ ମାନେ ଏହା କହିଛନ୍ତି।

## ହରଦୀପ- ଏନର୍ଜି

ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଚାଲିଥିବା ବିବାଦ ଭାରତରେ ଶକ୍ତି ସଂକଟ ସୃଷ୍ଟି କରିବ ନାହିଁ। ନୂଆଦିଲ୍ଲୀରେ ୨୬ତମ ଶକ୍ତି ପ୍ରଯୁକ୍ତିବିଦ୍ୟା ବୈଠକକୁ ଉଦ୍‌ଘାଟନ କରି ଶ୍ରୀ ପୁରୀ କହିଛନ୍ତି, ସରକାର ଏହାକୁ ଗୁରୁତର ସହ ଅନୁଧ୍ୟାନ କରୁଛନ୍ତି। ସେ କହିଛନ୍ତି, ଭାରତରେ ଶକ୍ତି ରୂପାନ୍ତରଣ ହୋଇଛି। ଭାରତରେ ପ୍ରଥମେ ଫସିଲ ଇନ୍ଧନ ବ୍ୟବହାର ହେଉଥିବାବେଳେ ଧୀରେ ଧୀରେ ପ୍ରଦୂଷଣମୁକ୍ତ ଇନ୍ଧନ ବ୍ୟବହାର ହେଲା ଓ ବର୍ତ୍ତମାନ ପୁର୍ନବ୍ୟବହାରକ୍ଷମ ଶକ୍ତିର ବ୍ୟବହାର କରାଯାଉଛି। ଏହି ତିନିଦିନିଆ କାର୍ଯ୍ୟକ୍ରମର ଶୀର୍ଷକ '**"Emerging Energy Trendsand Future of Refining."**

## ଜୋହର କପ୍-ହକି

ସୁଲତାନ ଜୋହର କପ୍ ପାଇଁ ଭାରତ ପକ୍ଷରୁ ୨୦ ଜଣିଆ ଜୁନିଅର ପୁରୁଷ ହକି ଦଳର ଘୋଷଣା କରାଯାଇଛି। ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୭ ତାରିଖରୁ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ହେବ। ଭାରତୀୟ ଜୁନିଅର ପୁରୁଷ ହକି ଦଳରେ

ଉତ୍ତମ ସିଂହ ଅଧିନାୟକ ମନୋନୀତ ହୋଇଥିବାବେଳେ ରାଜେନ୍ଦ୍ର ସିଂ ଉପ ଅଧିନାୟକ ମନୋନୀତ ହୋଇଛନ୍ତି ।